

# ଶୂନ ଯୋଡ଼ିବା ଓ ଫେଡ଼ିବା

ପାଠ-୯




ସୋମୁ ଓ ଜିନା ମାଟି ଚକଟି ମାଟି ଗୋଲି ତିଆରି କଲେ । ପ୍ରତ୍ୟେକ ମାଟି ଗୋଲିର ମଝିରେ କାଠିରେ ଗୋଟିଏ କଣା କରିଦେଲେ । ମାଟି ଗୋଲିଗୁଡ଼ିକୁ ଖରାରେ ଶୁଖାଇ ଦେଲେ । ସେଗୁଡ଼ିକରେ ବିଭିନ୍ନ ରଙ୍ଗ ଦେବାରୁ ସୁନ୍ଦର ଦେଖାଗଲା ।

ସୋମୁ ତିଆରି କରିଥିବା ମାଟି ଗୋଲିଗୁଡ଼ିକୁ ନେଇ ଗୋଟିଏ ମାଳ  ତିଆରି କଲା । ଜିନା କହିଲା – "ମାଟି ଗୋଲିଗୁଡ଼ିକୁ ନେଇ ଆମେ ଗୋଟିଏ ଖେଳ ଖେଳିବା ।" ସେ ଖଣ୍ଡିଏ ସୋଲ ଓ ନଡ଼ିଆଖଡ଼ିକା ଆଣି ଗୋଟିଏ ଆବାକସ୍ ତିଆରି କଲା ।




ସୋମୁ ଓ ଜିନା ଆବାକସ୍ ଓ ମାଟିଗୋଲିକୁ ନେଇ ସଂଖ୍ୟା ଖେଳ ଆରମ୍ଭ କରିଦେଲେ । ଜିନା ଗୋଟିଏ ଗୋଟିଏ ସଂଖ୍ୟା ଲେଖି ଦେଖାଇଲା । ସୋମୁ ତାକୁ ଆବାକସ୍‌ରେ ଦେଖାଇଲା ।













- କେଉଁ ସଂଖ୍ୟାକାର୍ଡ଼ ସହିତ କେଉଁ ଆବାକସ୍ ମିଳିବ ଯୋଡ଼ା ।

| ୨୩ | ୫୪ | ୪୦ | ୩୨ |
|---|---|---|---|




- ସୋମୁ ଓ ଜିନା ଆଉ ଗୋଟିଏ ନୂଆ ଖେଳ ଖେଳିଲେ ।
  ସେମାନେ ତିଆରି କରିଥିବା ମାଟିଗୋଳିଗୁଡ଼ିକୁ ଦୁଇ ପ୍ରକାର ରଙ୍ଗ ଦେଲେ ।
  ସୋମୁ କହିଲା, "ଏବେ ମୋର ପାଳି ।
  ମୁଁ ସଂଖ୍ୟାକାର୍ଡ଼ ଦେଖାଇବି ।" ଜିନା ରାଜି ହେଲା ।







୬+୩=୯







୧୨+୨୪=୩୬






୩୫+୦= ୩୫




ମିଶାଣ କିପରି କରାଯିବ ଉଭୟ ଚିନ୍ତାରେ ପଡ଼ିଲେ। ଚୁଟ୍‌କି ସେହି ବାଟ ଦେଇ ଯାଉଥିଲା।
ସେ ଜିନାକୁ କହିଲା- "ଶୂନ (୦) ର ଅର୍ଥ କିଛି ନାହିଁ। ୩୫ରେ ୦କୁ ମିଶାଇବା ଅର୍ଥ, ୩୫ରେ କିଛି ଯୋଗ କରାଯିବ ନାହିଁ।"

ଖାଲିଘରେ ଉତ୍ତର ଲେଖ ।


୩୫+୦ = ——

- ତଳେ ଦିଆଯାଇଥିବା ସଂଖ୍ୟାଦୁଇଟିକୁ କିପରି ଯୋଗ କରାଯିବ, ଆବାକସ୍‌ରେ ଦେଖାଅ। ଆବାକସ୍ ତଳେ ଥିବା ଖାଲିଘରେ ଯୋଗଫଳ କେତେ ହେଲା ଲେଖ।


୨୪+୦




୩୨+୦



୧୧+୦



୩୦+୦



ଆମେ କ'ଣ ଜାଣିଲେ ?

> କୌଣସି ସଂଖ୍ୟାରେ '୦' ମିଶାଇଲେ, ଯୋଗଫଳ ସେହି ସଂଖ୍ୟା ହୋଇଥାଏ।

## କ୍ରିକେଟ୍ ଖେଳର ମଜା–

ବଡ଼ଦିନ ପାଇଁ ବିଦ୍ୟାଳୟ ଛୁଟି। ପିଲାମାନେ ବାହାରିଲେ କ୍ରିକେଟ ଖେଳିବାକୁ। ଲାଗିଲାଗି ଦୁଇ ଦିନ ମ୍ୟାଚ। ଚୁଟ୍‌କି, ବିଲୁ, ଜର୍ଜ, ମିକି, ସିନି, ଲକି ଓ ବବ୍‌ଲୁ ପ୍ରଭୃତିଙ୍କ ହାତରେ ବ୍ୟାଟ୍ ଆଉ ବଲ୍। ଦୁଇଦିନ ମ୍ୟାଚ ହେଲା। କିଏ କେତେ ରନ୍ ସଂଗ୍ରହ କଲେ ତାହା ହିସାବ କର ?



ଚୁଟ୍‌କି — ୨୫+୧୩=



ସିନି — ୧୪+୭=



ଜର୍ଜ — ୩୨+୦=



ବିଲୁ — ୦+୩୭=



ମିକି — ୨୦+୦=



ବବ୍‌ଲୁ — ୩୬+୧୦=



ଲକି — ୨୦+୩୦=

ତୁମେ ହିସାବ କରି କହ, ଦୁଇ ଦିନରେ କିଏ ମୋଟ କେତେ ରନ୍ ସଂଗ୍ରହ କରିଛି ?

- କିଏ ସବୁଠାରୁ ଅଧିକ ରନ୍ କରିଛି ? ..............................
- କିଏ ସବୁଠାରୁ କମ୍ ରନ୍ କରିଛି ? ..............................

## ଲୁଡୁ ଖେଳ–

ଜିନା ଓ ସୋମୁ ଲୁଡୁ ଖେଳ ଆରମ୍ଭ କଲେ । ନିଜେ ଗୋଟିଏ ଡାଇସ୍ ନେଇ ତାହାର ଛଅ ପାଖରେ ୧ , ୨ , ୩, ୪, ୫ , ୦ ଲେଖିଲେ ।










| | | | | | | | | | |
|---|---|---|---|---|---|---|---|---|---|
| ୧୦୦ | ୯୯ | ୯୮ | ୯୭ | ୯୬ | ୯୫ | ୯୪ | ୯୩ | ୯୨ | ୯୧ |
| ୮୧ | ୮୨ | ୮୩ | ୮୪ | ୮୫ | ୮୬ | ୮୭ | ୮୮ | ୮୯ | ୯୦ |
| ୮୦ | ୭୯ | ୭୮ | ୭୭ | ୭୬ | ୭୫ | ୭୪ | ୭୩ | ୭୨ | ୭୧ |
| ୬୧ | ୬୨ | ୬୩ | ୬୪ | ୬୫ | ୬୬ | ୬୭ | ୬୮ | ୬୯ | ୭୦ |
| ୬୦ | ୫୯ | ୫୮ | ୫୭ | ୫୬ | ୫୫ | ୫୪ | ୫୩ | ୫୨ | ୫୧ |
| ୪୧ | ୪୨ | ୪୩ | ୪୪ | ୪୫ | ୪୬ | ୪୭ | ୪୮ | ୪୯ | ୫୦ |
| ୪୦ | ୩୯ | ୩୮ | ୩୭ | ୩୬ | ୩୫ | ୩୪ | ୩୩ | ୩୨ | ୩୧ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୨୦ | ୧୯ | ୧୮ | ୧୭ | ୧୬ | ୧୫ | ୧୪ | ୧୩ | ୧୨ | ୧୧ |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |










- ଦୁଇ ଜଣଙ୍କର ଦାନା ୧ ୦ ୦ ଉପରେ ରହିଲା ।
- ଡାଇସ୍‌ରେ ଯେଉଁ ସଂଖ୍ୟା ପଡ଼ିବ ଦାନା ସେତିକି ପଛକୁ ଯିବ ।
- ଯିଏ ପ୍ରଥମେ ଯାଇ ୧ ରେ ପହଞ୍ଚିବ ସେ ବିଜୟୀ ହେବ ।



ତୁମେ ଏହି ଖେଳକୁ ତୁମ ସାଙ୍ଗ ସହିତ ଖେଳ ।

ପ୍ରତ୍ୟେକ ଥର ଡାଇସ୍‌ର କେଉଁ ସଂଖ୍ୟା ପଡ଼ିଲା ଓ ତୁମେ କେଉଁ ସଂଖ୍ୟାରେ ପହଞ୍ଚିଲ ତଳେ ଲେଖ ।

ଡାଇସ୍‌ରେ ଶୂନ ସଂଖ୍ୟା ପଡ଼ିଲେ ଦାନାଟି କାହିଁକି ପଛକୁ ଆସୁନାହିଁ କହ ।

- ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଦେଖ । କାହା ପାଇଁ ଯୋଗ ଓ କାହା ପାଇଁ ବିୟୋଗ ପ୍ରକ୍ରିୟା ବ୍ୟବହାର କରାଯିବ କହ ।



ଲକ୍ଷ୍ୟ କର, ପ୍ରଥମ ପ୍ଲେଟ୍‌ରେ ୪ଟି ଲଡୁ ଅଛି, ଦ୍ୱିତୀୟ ପ୍ଲେଟ୍‌ରେ ୩ଟି ଲଡୁ ଅଛି । ଦୁଇଟିଯାକ ପ୍ଲେଟ୍‌ରେ ମୋଟ୍ କେତୋଟି ଲଡୁ ଅଛି ?

ଦୁଇଟି ପ୍ଲେଟ୍‌ରେ ମୋଟ୍ ୪ + ୩ = ୭ଟି ଲଡୁ ଅଛି ।

୧ମ ପ୍ଲେଟ୍‌ରେ ୨ୟ ପ୍ଲେଟ୍ ଠାରୁ କେତୋଟି ଅଧିକ ଲଡୁ ଅଛି ?

୪ - ୩ = ☐ ଟି ଲଡୁ ।

- ତଳେ ଦିଆଯାଇଥିବା ମିଶାଣ ଓ ଫେଡ଼ାଣ କ୍ରିୟାକୁ ନେଇ ଗୋଟିଏ ଗୋଟିଏ ବାସ୍ତବ ଘଟଣାର ଉଦାହରଣ ଦିଅ ।

| ୪ + ୨ = ୬ | ୫ - ୩ = ୨ | ୫ - ୫ = ୦ |

● ତଳେ ଦିଆଯାଇଥିବା ଚିତ୍ରକୁ ଦେଖ । ଏହି ଚିତ୍ରକୁ ଲକ୍ଷ୍ୟକରି ମିଶାଣ ବା ଫେଡ଼ାଣ କଥା ଥାଇ ଦିଆଯାଇଥିବା ଗପଟିକୁ ପଢ଼ ।



ଥରେ ଜଣେ ଟୋପିବିକାଳି ଥକି, ଗଛମୂଳରେ ବସିପଡ଼ିଲା । ତାକୁ ନିଦ ଲାଗିଗଲା । ଗଛ ଉପରେ ଥିବା ମାଙ୍କଡ଼ମାନେ ଟୋପି ବିକାଳିର ବ୍ୟାଗ୍ ଖୋଲି ଟୋପି କାଢ଼ି ନେଲେ । ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଥିଲା । ଗଛ ମୂଳେ ୬ଟି ଟୋପି ପଡ଼ିଥିଲା । ଟୋପି ବିକାଳିର ନିଦ ଭାଙ୍ଗିଗଲା । ଦେଖିଲା, ମାଙ୍କଡ଼ମାନେ କେତେଗୁଡ଼ିକ ଟୋପି ନେଇ ଯାଇଛନ୍ତି । ତା' ପରେ .........


ତୁମେ ଏହି ଗପଟିକୁ ଆଗକୁ ବଢାଅ ।

ଏହି ଗପକୁ ନେଇ ଆମେ ମିଶାଣ ଓ ଫେଡାଣ ସମ୍ବନ୍ଧୀୟ ନିମ୍ନଲିଖିତ କଥାଗୁଡିକ କହିପାରିବା ।

- ବ୍ୟାଗ୍‌ରେ ମୋଟ ୨୦ଟି ଟୋପି ଥିଲା । ମାଙ୍କଡ଼ମାନେ ୧୪ଟି ଟୋପି ନେଇଗଲେ । ଅନ୍ୟ ଟୋପିଗୁଡ଼ିକୁ ମାଙ୍କଡ଼ମାନେ ବାହାରକୁ ଫୋପାଡ଼ି ଦେଲେ । କେତୋଟି ଟୋପିକୁ ମାଙ୍କଡ଼ମାନେ ଫୋପାଡ଼ି ଦେଲେ ?
- ମାଙ୍କଡ଼ମାନେ ନେଇଥିବା ଟୋପିର ସଂଖ୍ୟା, ଫୋପାଡ଼ିଥିବା ଟୋପିର ସଂଖ୍ୟାଠାରୁ କେତେ ଅଧିକ ?
- ମାଙ୍କଡ଼ମାନଙ୍କ ପାଖରେ ୧୪ଟି ଟୋପି ଅଛି । ତଳେ ୬ଟି ଟୋପି ପଡ଼ିଛି । ମୋଟ କେତୋଟି ଟୋପି ଥିଲା ?

ଚିତ୍ରକୁ ଦେଖି ଉପରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

● ଏବେ ତଳେ ଦିଆଯାଇଥିବା ଚିତ୍ରକୁ ଦେଖ। ଚିତ୍ରକୁ ଲକ୍ଷ୍ୟକରି ଗପଟିଏ ଭାବ। ତୁମେ ଭାବିଥିବା ଗପଟିକୁ ଶ୍ରେଣୀରେ କହ।



ଏହି ଚିତ୍ରକୁ ନେଇ ମିଶାଣ ଓ ଫେଡ଼ାଣ ସମ୍ବନ୍ଧୀୟ କେତେଗୁଡ଼ିଏ ପ୍ରଶ୍ନ ତିଆରି କରି ତୁମ ସାଙ୍ଗକୁ ପଚାର।

..........................................................................................

..........................................................................................

..........................................................................................

● ମଣ୍ଟୁ ଓ ପିଣ୍ଟୁ ବଜାରକୁ ଗଲେ। ଦୁହେଁ ମା'ଙ୍କ ପାଖରୁ ଟଙ୍କା ମାଗିନେଲେ।

ମଣ୍ଟୁକୁ ମା'  ଦେଲେ। ପିଣ୍ଟୁକୁ ମା'  ଦେଲେ।

ଉପର ଚିତ୍ର ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ।

● ମଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..................................................

● ପିଣ୍ଟୁ ପାଖରେ କେତେ ଟଙ୍କା ଅଛି ? ..................................................

ଲକ୍ଷ୍ୟ କର, ମଣ୍ଟୁ ପାଖରେ ତିନୋଟି ଦଶଟଙ୍କିଆ ନୋଟ୍ ଅଛି ।




 +  +  = 

| ୧୦ ଟଙ୍କା | ୧୦ ଟଙ୍କା | ୧୦ ଟଙ୍କା | ୩୦ ଟଙ୍କା |
|---|---|---|---|

- ପିଣ୍ଟୁ ପାଖରେ କେତେ ଟଙ୍କା ଅଛି ହିସାବ କରି ଲେଖ । ____________
- କାହା ପାଖରେ ଅଧିକ ଟଙ୍କା ଅଛି ? ____________
- ମଣ୍ଟୁ ପାଖରେ ପିଣ୍ଟୁ ଠାରୁ କେତେ ଟଙ୍କା ଅଧିକ ଅଛି ? ____________
- ଦୁଇଜଣଙ୍କ ପାଖରେ ମୋଟ୍ କେତେ ଟଙ୍କା ଅଛି ? ____________

## ଅଭ୍ୟାସ କାର୍ଯ୍ୟ

୧ . ତଳେ ଲେଖାଥିବା ସଂଖ୍ୟାକୁ ଆବାକସ୍‌ରେ ଗୋଲ କରି ଦେଖାଅ ।

| ୨୫ | ୩୦ | ୭ | ୪୪ |
|---|---|---|---|

୨. ଖାଲି ଘରେ ଉତ୍ତର ଲେଖ ।

(କ)  +  = ______ ଟଙ୍କା


(ଖ)  +  = ______ ଟଙ୍କା

(ଗ)  +  = ______ ଟଙ୍କା

୩. କେଉଁ ପ୍ରଶ୍ନଟି ପାଇଁ କେଉଁ ଉତ୍ତର ହେବ ତୀର ଚିହ୍ନ ଦେଇ ଚିହ୍ନାଅ ।

| | |
|---|---|
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ତା' ଠାରୁ ୩ଟି ଅଧିକ ଚକୋଲେଟ୍ ଅଛି । ରୀତା ପାଖରେ କେତୋଟି ଚକୋଲେଟ୍ ଅଛି ? | ୫ - ୩ = ୨ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତା ଠାରୁ କେତୋଟି ଅଧିକ ଚକୋଲେଟ୍ ଅଛି ? | ୮ - ୩ = ୫ |
| ରୀତା ପାଖରେ ୮ଟି ଚକୋଲେଟ୍ ଅଛି । ମହେଶ ପାଖରେ ୩ଟି ଚକୋଲେଟ୍ ଅଛି । ମହେଶ ପାଖରେ ରୀତାଠାରୁ କେତୋଟି ଚକୋଲେଟ୍ କମ୍ ଅଛି ? | ୮ - ୫ = ୩ |
| ମହେଶ ପାଖରେ ୫ଟି ଚକୋଲେଟ୍ ଅଛି । ରୀତା ପାଖରେ ୮ଟି ଚକୋଲେଟ୍ ଅଛି ।ମହେଶ ଆଉ କେତୋଟି ଚକୋଲେଟ୍ ପାଇଲେ ରୀତା ସହ ସମାନ ହେବ ? | ୫ + ୩ = ୮ |

୪. ତଳେ ଜିନିଷଗୁଡ଼ିକର ଦାମ୍ ଦିଆଯାଇଛି । ଏହାକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।



୨୫ଟଙ୍କା



୩୦ଟଙ୍କା



୧୦ଟଙ୍କା



୪୦ଟଙ୍କା

(କ) କଲମ ଓ ରଙ୍ଗ ବାକ୍ସ କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ ? ____________

(ଖ) ଚପଲ ଓ ଗପବହି କିଣିବା ପାଇଁ କେତେ ଟଙ୍କା ଦରକାର ? ____________

(ଗ) ତୁମ ପାଖରେ ୪୦ଟଙ୍କା ଅଛି । ତୁମେ କେଉଁ ଦୁଇଟି ଜିନିଷ କିଣି ପାରିବ ? ____________

(ଘ) ତୁମେ ରଙ୍ଗ ବାକ୍ସ କିଣି ଦୋକାନୀକୁ ୫୦ ଟଙ୍କା ଦେଲ ।
ସେ ତୁମକୁ କେତେ ଟଙ୍କା ଫେରାଇବ ? ____________

